# Akashvani, Sambalpur

## SAMBALPURI NEWS EVENING BULLETIN

## 22 June 2025- 7.02 pm- 7.12 pm.

*********************************************

୧- ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର୍ ସୁପରିଚାଳନା ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୨- ଶ୍ରଦ୍ଧାଳୁମାନ୍‌କର୍ ସୁବିଧା ଲାଗି ପୁରୀ ରଥଯାତ୍ରା ସମିଆଥି ୩ ଶହ ୬୫ ଟା ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କଲା ପୂର୍ବତଟ ରେଲ୍‌ପଥ ।

୩- ଗଞ୍ଜାମ୍ ଜିଲ୍ଲାର୍ ଆସିକା ଠାନେ ଆଏବା କାଏଲ୍ ଯୁବଶକ୍ତି ସମାବେଶ୍‌ଥି ଯୋଗ୍ ଦେବେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଶ୍ରୀକ୍ଷେତ୍ର ନ ଆଏଜ୍ ପାଳନ୍ ହେଲା ରାଜପ୍ରସାଦ୍ ବିଜେ ନୀତି ।

- ମାହାପୁରୁମାନେ ଜର୍‌ନୁ ଭଲ୍ ହେବାର୍ ବାବ୍‌ଦେ ଗଜପତି ମହାରାଜ୍‌ଙ୍କୁ ଦିଆଗଲା ଖବର୍ ।

ମୁଖ୍ୟମନ୍ତ୍ରୀ-ରଥଯାତ୍ରା ବୈଠକ୍     ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର୍ ସୁପରିଚାଳ୍‌ନା ଲାଗି ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସ୍ୱତନ୍ତ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ପୁରୀ ପୌର ସଦନ୍‌ଠାନେ ହେଇଥିବା ବୈଠକ୍‌ଥି ରଥଯାତ୍ରା ସମିଆଥି ଶୃଙ୍ଖଳିତ ଦର୍ଶନ୍, ପରିମଲ୍ ବ୍ୟବସ୍ଥା, ଟ୍ରାଫିକ୍ ପରିଚାଲ୍‌ନା, ସୁରକ୍ଷା ଆଉ ରଥଯାତ୍ରାର୍ ଭିନ୍ ଭିନ୍ ନୀତି ନିର୍ଘଂଟ ବାବ୍‌ଦେ ଆଲୋଚନା ହେଇଛେ । ଶୃଙ୍ଖଲିତ୍ ରଥଯାତ୍ରା ସାର୍‌ବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ଜୋର୍ ଦେଇକରି କହିଛନ୍....

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ସେଆଡ଼େ ରଥଯାତ୍ରା ଲାଗି ପୁଲିସ ପ୍ରଶାସନ୍ ତର୍‌ଫୁ ପୁରୀ ସହରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ସହରକେ ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ସଙ୍ଗେ ୨ ଶହ ୭୫ଟା ଏଆଇ କେମରା ଜୁଗ୍‌ବା ବଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର୍ ଖୁରାନିଆ କହିଛନ୍ । ଇତାର୍ ସଙ୍ଗେ କୁଇକ୍ ରେସ୍‌ପନ୍ସ ଦଲ୍ ଆଉ ଡ୍ରୋନ୍‌ର ସାହାଜ୍ ନିଆଯିବା । ସମୁଦ୍ର କୂଲେ କୋଷ୍ଟ ଗାର୍ଡ ମୁତୟନ୍ ରହେବେ, ୬୯ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୬୪ଟା ଆମ୍ବୁଲାନ୍ସ, ୨ ଶହ ୬୫ଟା ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା, ୩ ଶହ

୭୮ଟା ଅତିରିକ୍ତ ଡାକ୍ତର ଆଉ ପାରା ମେଡିକାଲ ଷ୍ଟାଫ୍ ମୁତୟନ୍ ହେବେ ବଲି ଶ୍ରୀ ଖୁରାନିଆ କହିଛନ୍ ।

ଆଝିରର୍ ବୈଠକଥି ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଉ କନକ ବର୍ଦ୍ଧନ ସିଂହଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବଙ୍କର ସହେତେ ଅନ୍ୟ ବିଭାଗର ଅଲ୍ଗା ମନ୍ତ୍ରୀ ଆଉ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ପି.ଆଇ.ବି.

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଲ୍କେ ଶ୍ରଦ୍ଧାଲୁମାନ୍କର୍ ସୁବିଧା ଲାଗି ପୂର୍ବତଟ ରେଲ୍ପଥ୍ ତର୍ଫୁ ୩ ଶହ ୬୫ ଟା ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରାଯିବା । ଇ ଟ୍ରେନ୍ ସେବା ରଥଯାତ୍ରା ସମିଆଥି ପୁରୀନୁ ରାଜ୍ୟର୍ ସବୁ ଇଲାକା ସହେତେ ଆନ୍ଧ୍ରପ୍ରଦେଶ୍ର ବିଶାଖାପାଟ୍ନମ୍ ଆର୍ ପଲାସା, ଛତିଶ୍ଗଡ଼୍ର ଜଗ୍ଦଲ୍ପୁର୍ ଆର୍ ଗୋନ୍ଦିଆ ଆଉ ପଶ୍ଚିମବଙ୍ଗ୍ର କୋଲ୍କାତା ସାନ୍ତ୍ରାଗାଛିକେ ଚଲାଚଲ୍ କର୍ବା ବଲି ପୂର୍ବତଟ ରେଲ୍ପଥ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଯୁବଶକ୍ତି ସମାବେଶ     ଗଞ୍ଜାମ୍ ସମ୍ବାଦଦାତା

ଗଞ୍ଜାମ୍ ଜିଲ୍ଲାର୍ ଆସିକା ଠାନେ ଆଏବା କାଏଲ୍ ଯୁବଶକ୍ତି ସମାବେଶ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାବେଶ୍‌କେ ଉଦ୍‌ଘାଟନ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ଦିଗ୍‌ଦର୍ଶନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମା ଖମ୍ବେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା ଆଉ ଯୁବସେବା ବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ     ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର ଜନ ଅଭିଯୋଗ ଶୁଣାଣି ଆଏବାକାଏଲ୍ ବନ୍ଦ ରହେବା । ଆଏବା ଅଭିଯୋଗ ଶୁଣାଣି ତାରିଖ୍ ଗଣମାଧ୍ୟମ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସମ୍ବିଧାନ୍ ହତ୍ୟା ଦିବସ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଜରୁରୀକାଲୀନ ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତି ଅବ୍‌ସରେ ଆଏବା ଶନିବାର୍ ଦିନ ରାଜ୍ୟସ୍ତରୀୟ ସମ୍ବିଧାନ୍ ହତ୍ୟା ଦିବସ୍ ପାଲନ୍ କରାଯିବା । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଓଡ଼ିଆ ଭାଷା ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ରାଜ୍ୟର୍ ସବୁ ଜିଲ୍ଲା ନ ଲୁକେ ଇଥି ସାମିଲ୍ ହେବେ । କାର୍ଯ୍ୟକ୍ରମ୍‌ଥି ଜରୁରୀ କାଲୀନ୍ ଥିତି ବେଲର୍ ସ୍ୱତନ୍ତ୍ରତା ସେନାନୀମାନ୍‌କୁ ଭିଲ୍ ସମ୍ବର୍ଦ୍ଧିତ୍ କରାଯିବା । ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଆଉ କଳା ପ୍ରତିଯୋଗିତା ହେବା । କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସବୁ ବିଭାଗ୍‌ର ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ରାଜସ୍ୱମନ୍ତ୍ରୀ- ସମ୍ବଲ୍‌ପୁର୍ ଗସ୍ତ ସମ୍ବଲପୁର ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ଗୁଟେ ବଛ୍‌ରର୍ କାମ୍ କାଜ୍ ବାବ୍‌ଦେ ଆଏବା ୨୪ ତାରିଖ୍ ଦିନ ଝାର୍‌ସୁଗୁଡ଼ା ଜିଲ୍ଲା ବେଲ୍‌ପାହାଡ଼୍ ଠାନେ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ଜରିଏ ତଥ୍ୟ ଉପସ୍ଥାପନ୍ କର୍‌ବେ ବଲି ବିଭାଗୀୟ ମନ୍ତ୍ରୀ ସୁରେଶ୍

ପୂଜାରୀ କହିଛନ୍ । ସମ୍ବଲ୍‌ପୁର୍ ଠାନେ ମା’ ସମଲେଇଙ୍କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଗଲା ଗୁଟେ ବଛର୍ ଭିତ୍‌ରେ ରାଜସ୍ୱ ବିଭାଗ୍‌ଥି ବହୁତ୍‌ଟେ ସଂସ୍କାର୍ ଆସିଛେ । ଇସବୁ କାମ୍ କାଜ୍ ବାବ୍‌ଦେ ଜନସାଧାରଣଙ୍କର୍ ସହେତେ ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ଦେବେ ବଲି ଶ୍ରୀ ପୂଜାରୀ କହିଛନ୍ । ଜନପ୍ରତିନିଧି ଜନତାଙ୍କର୍ ପାଖେ ଉତର୍‌ଦାୟୀ ରହେବାର୍ ଜରୁରୀ ଆଏ ବଲି ଇ ଅବ୍‌ସରେ ଶ୍ରୀ ପୂଜାରୀ କହିଛନ୍ ।

ରାଜପ୍ରସାଦ୍ ବିଜେ ନୀତି ପୁରୀ ସମ୍ବାଦଦାତା

ଅଷାଢ୍ ମାସର୍ ଅନ୍ଧାର୍ ପଖର୍ ଦ୍ୱାଦଶୀ ତିଥି ଦିନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଅଣସର ଦ୍ୱାଦଶୀ ନୀତି ପାଲନ୍ କରାଯାଇଛେ । ଆଏଜ୍ ଶ୍ରୀନଅରକେ ରାଜପ୍ରସାଦ୍ ବିଜେ କରାଯାଇଛେ । ଆଝିର୍ ଦିନର୍ ଗୁରୁତ୍ୱ ହେଉଛେ ଅଣସର ଘରେ ଗୁପ୍ତ ସେବା ଉତ୍‌ରୁ ମାହାପୁରୁମାନେ ଜର୍‌ନୁ ପୁରା ସୁସ୍ଥ ହେଇଛନ୍ ବଲିକରି ଗଜପତି ମହାରାଜ୍‌ଙ୍କୁ ସୂଚ୍‌ନା ଦିଆଯାଏସି । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍‌ର ଗୁଟେ ରିପୋର୍ଟ

(ଭଏସ୍ ଓଭର୍)

*ପରମ୍ପରା ଅନ୍‌ସାରେ ଶ୍ରୀମନ୍ଦିର୍ ନ ଆଏଜ୍ ସକାଳଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ରାଜପ୍ରସାଦ୍ ବିଜେ ନୀତି ହେଇଥିଲା । ଅଣସର ଘରେ ଗୁପ୍ତ ଉପଚାର୍ ବେଲ୍‌କେ ଶ୍ରୀଅଙ୍ଗନୁ ବାହାର୍ କରାଯାଇଥିବା ଚନ୍ଦନ, କରାଳ, ପାଟଡୋରକେ ରୂପାଥାଲିଥି ପଟୁଆର୍ ସଙ୍ଗେ ଶ୍ରୀନଅର୍‌କେ ବିଜେ କରାଯାଇଥିଲା । ଘଂଟ, ଛତା, କାହାଳି ସହେତେ ଦଇତାପତି ସେବକମାନେ ପଟୁଆର୍ ନେଇକରି ଗଜପତି ମହାରାଜ୍‌ଙ୍କୁ ଦେଇଥିଲେ । ଆନୁସଙ୍ଗିକ୍ ନୀତି ସର୍‌ଲା ଉତ୍‌ରୁ ଗଜପତି ମହାରାଜ୍‌ଙ୍କୁ ଦଇତାପତି ସେବକମାନେ ମାହାପୁରୁମାନେ ଜର୍‌ନୁ ଭଲ୍ ହେବାର୍ ଖବର ଦେଇଥିଲେ । ଇତାର୍‌ସହେତେ ରଥଯାତ୍ରା ଆର୍ ଗୁପ୍ତନୀତି ବାବ୍‌ଦେ ଭିଲ୍ ଜନେଇଥିଲେ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ମୁଇଁ ତାପସ ରଞ୍ଜନ୍ ସାହୁ ।*

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା                କଟକ୍ ସମ୍ବାଦଦାତା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ- ଏଚ୍‌ଏସ୍‌ସିର ସପ୍ଲିମେଂଟାରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୫ ଆଏବା ୩୦ ତାରିଖ ହେବା । ପରୀକ୍ଷାର୍ ଲାଗି ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ ପ୍ରକ୍ରିୟା ମୁଲ୍ ହେଇଛେ । ଛାତ୍ରଛାତ୍ରୀ www.bseodhsha.ac.in ଜରିଏ

ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ । ସପ୍ଲିମେଂଟାରୀ ପରୀକ୍ଷାର୍ଥି ଇଥର ରାଜ୍ୟର ୯୮ ଟା କେନ୍ଦ୍ର ନ ୩ ହଜାର୍ ୨ ଶହ ୩୨ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେନ୍ତା ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥି ଶହେ ୩ ଟା କେନ୍ଦ୍ର ନ ୧୦ ହଜାର୍ ୮ ଶହ ୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ      ଆର୍‌ଏନ୍‌ୟୁ/ କଟକ୍

ମୁନୁଷ୍ ସମାଜ୍ ଲାଗି ଜଙ୍ଗଲର୍ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି’ ବଛର୍ ଆଝିରର୍ ଦିନ୍‌କେ ‘ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ’ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ଜଙ୍ଗଲ୍ ଆଉ ଖାଦ୍ୟ । ବୃଷ୍ଟି-ପୁଷ୍ଟ ଜଙ୍ଗଲ୍‌କେ ସୁରକ୍ଷା ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ପରିବେଶ୍‌କେ ପ୍ରଦୂଷଣ୍‌ମୁକ୍ତ କର୍‌ବାର୍ ଆଉ ବର୍ଷା ପାଏନ୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଦିଗେ ଇ ଜଙ୍ଗଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଇତାର୍‌ସହେତେ ଇ ଜଙ୍ଗଲ୍ ବାୟୁମଣ୍ଡଲ୍ ନ ଅଙ୍ଗାରକାମ୍ଳର୍ ପରିମାଣ୍‌କେ ଭିଲ୍ ସନ୍ତୁଳିତ୍ ରଖ୍‌ସି ।

ଛାତ୍ରଛାତ୍ରୀ- ୟୁନିଫର୍ମ      ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛରଥି ରାଜ୍ୟର୍ ସବୁ ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପାଇଥିବା ବିଦ୍ୟାଲୟ ସହେତେ ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ ଅଧୀନ୍‌ଥି ଥିବା ସବୁ ବିଦ୍ୟାଲୟମାନ୍‌କର୍ ଛାତ୍ରଛାତ୍ରୀମାନ୍‌କୁ ଆଏବା ମାସ ୧୫ ତାରିଖ୍‌ତକ୍ ମାହାଲିଆ ସ୍କୁଲ୍ ଡ୍ରେସ୍ ବାଂଟ୍‌ବାର୍ ପ୍ରକ୍ରିୟା ଶେଷ୍ କରାଯିବା । ଇ ନିର୍ଦ୍ଦେଶ୍‌ନାମାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯିବାର୍ ସଙ୍ଗେ ମାର୍ଗଦର୍ଶିକା ଜାରି କରାଯାଇଛେ ।

କେନ୍ଦୁପତ୍ର ନିଗମ ସମ୍ମିଳନୀ ସମ୍ବଲ୍‌ପୁର୍ ସମ୍ବାଦଦାତା

ଓଡ଼ିଶା ବନ ଉନ୍ନୟନ୍ ନିଗମ୍‌ର ସମ୍ବଲ୍‌ପୁର୍ ଜୋନ୍ ଆଉ ସମ୍ବଲ୍‌ପୁର୍ କେନ୍ଦୁପତ୍ର ସର୍କଲ୍‌ର କେନ୍ଦୁପତ୍ର ଘିନୁଥିବା ଲୁକେ ଆଉ ରପ୍ତାନୀକାରୀମାନ୍‌କୁ ନେଇକରି ଗୁଟେ ସ୍ୱତନ୍ତ୍ର ସମ୍ମିଳନୀ ସମ୍ବଲ୍‌ପୁର୍ ଠାନେ ହେଇଯାଇଛେ । ସମ୍ମିଳନୀଥି କେନ୍ଦୁପତ୍ର ଜୋନ୍‌ର ପତର୍ ଘିନୁଥିବା ଆଉ ରପ୍ତାନୀ କରୁଥିବା ଲୁକ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରାଯାଇଥିଲା । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, କୁଚିଣ୍ଡା, ରାଉର୍‌କେଲା ରେଢ଼ାଖୋଲ୍ ବନଖଣ୍ଡ କେନ୍ଦୁପତ୍ର ଡିଭିଜନ୍ ତର୍‌ଫୁ କେନ୍ଦୁପତ୍ର ପ୍ରଦର୍ଶନ୍ କରାଯାଇଥିଲା । ସମ୍ବଲ୍‌ପୁର୍ ବନସଂରକ୍ଷକ୍ ଟି. ଅଶୋକ

କୁମାର୍ ଆଉ ଓଡ଼ିଶା ବନ ଉନ୍ନୟନ୍ ନିଗମ୍ ସମ୍ବଲପୁର୍ ଜୋନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଆଦିବାସୀ ବ୍ୟାପାର୍ ମନ୍ତ୍ରଣାଳୟର୍ ଉପସଚିବ-ଗସ୍ତ ବୌଦ୍ଧ ସମ୍ବାଦଦାତା

ଆଦିବାସୀ ବ୍ୟାପାର୍ ମନ୍ତ୍ରଣାଳୟର୍ ଉପସଚିବ ସତୀଶ୍ କୁମାର୍ ଆଏଜ୍ ବୌଦ୍ଧ ଜିଲ୍ଲା ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଆଦିବାସୀ କଲ୍ୟାଣ୍ ଯୋଜ୍‌ନା ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇତାର୍ ସହେତେ ଧର୍‌ତି ଆବା ଜନଜାତୀୟ ଗ୍ରାମୀଣ୍ ଉଦ୍ୟୋଗ୍ ଅଭିଯାନ୍ ଅଧୀନ୍‌ଥି ଆମ୍ବଗାଁ, ଉମା, ଖୁଂଟିଗୋରା ପଂଚାୟତ୍ ଆର୍ ଗୋଛାଗୋରା ଗାଁକେ ଯାଇକରି ଆଦିବାସୀମାନ୍‌କୁ ଭେଟ୍‌ବାର୍ ସହେତେ ସେମାନ୍‌କର୍ ଆବଶ୍ୟକତା ବାବ୍‌ଦେ ପଚ୍‌ରେଇ ବୁଝିଥିଲେ ।

ବିକାଶ୍ ରଥ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନୁ ବାହାରିଥିବା ୩ ଟା ବିକାଶ୍ ରଥ ଜିଲ୍ଲାର୍ ଭିନ୍ ଭିନ୍ ଜାଗାକେ ଯାଇକରି ହିତାଧିକାରୀମାନ୍‌କୁ ପଟ୍ଟା, ଘର୍ କାର୍ଯ୍ୟାଦେଶ୍, ଭତା, ଜବ୍‌କାର୍ଡ୍, ରାସନ୍‌କାର୍ଡ୍, ସ୍ୱାସ୍ଥ୍ୟକାର୍ଡ୍ ବାଂଟିକରି ସର୍‌କାରୀ

ଯୋଜ୍‌ନାଥି ସାମିଲ୍ କରୁଛେ । ଜିଲ୍ଲାର୍ ସର୍‌ସରା, ବନ୍ଧାପଥର୍, ଆମ୍ବଗାଓଁ, ଉମା, ଖୁଁଟିଗୋରା, ବାମଣ୍ଡା ପଂଚାୟତ୍‌ଠାନେ ଆଏଜ୍ ବିକାଶ୍‌ରଥ ପୁହୁଁଚିକରି ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନାଥି ସାମିଲ୍ କରାଯାଇଛେ ।

ସାଁପ୍ ଚବା ସଚେତନତା ତାଲିମ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ମାହେଶ୍ୱରୀ ସଂସ୍କୃତି ଭବନ୍ ଠାନେ ଜିଲ୍ଲା ପ୍ରାଣୀ କଲ୍ୟାଣ୍ ମଂଚ ତର୍‌ଫୁ ସାଁପ୍ ଚବା ସଚେତନତା ତାଲିମ୍ ଶିବିର୍ ହେଇଯାଇଛେ । ମଂଚର୍ ସଭାପତି ସୁରେନ୍ଦ୍ର କର୍ଣ୍ଣଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ଜିଲ୍ଲାର୍ ବୌଦ୍ଧ, କଂଟାମାଲ୍ ଆର୍ ହର୍‌ଭଙ୍ଗା ବ୍ଲକ୍‌ର କଲାକାର୍‌ମାନେ ଯୋଗ୍ ଦେଇଥିଲେ ।

ସିନିଅର୍ ନେସ୍‌ନାଲ୍ ଆକ୍ୱାଟିକ୍ ଚମ୍ପିଅନ୍‌ସିପ   I&PR

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍ ତର୍‌ଫୁ ୭୮ ନମ୍ବର୍ ସିନିଅର୍ ନେସ୍‌ନାଲ୍ ଆକ୍ୱାଟିକ୍ ଚମ୍ପିଅନ୍‌ସିପ୍ ପ୍ରତିଯୋଗିତା ମୁଲ୍ ହେଇଛେ । ପ୍ରତିଯୋଗିତାକେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍

ଉଦ୍‌ଘାଟନ୍ କରିଛନ୍ । ପ୍ରତିଯୋଗିତା ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଏଜେ ସକ୍ରିୟ ଥିବାର୍‌ନୁ ଭିନ୍ ଭିନ୍ ଇଲାକା ନୁ ବର୍ଷା ଜାରି ରହିଛେ । ଆଏବା ୨୭ ତାରିଖ୍‌ତକ୍ ରାଏଜେ ବର୍ଷା ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ୨୭ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।